Odisha Skill Development Authority

Skilled in ODISHA

ଓଡ଼ିଶା ସରକାରଙ୍କ ଏକ ଅନନ୍ୟ କାର୍ଯ୍ୟକ୍ରମ

## ଜିଲ୍ଲାସ୍ତରୀୟ

# ନିଯୁକ୍ତି ମେଳା

## ୨୦୧୯-୨୦

## କେନ୍ଦ୍ରାପଡ଼ା

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ତଥା ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡ଼ାଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାରେ ନିଯୁକ୍ତି ମେଳାର(JOB FAIR) ଆୟୋଜନ କରାଯାଉଅଛି ।

## ତା.୧୫|୦୨|୨୦୨୦ରିଖ, ସମୟ : ସକାଳ ୯ଘଟିକା

## ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆ

ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳର ନିଯୁକ୍ତି ସନ୍ଧାନରେ ଥିବା ଯୁବକ, ଯୁବତୀ, ମାନେ ଅଂଶ ଗ୍ରହଣ କରିପାରିବେ ।

ଏହି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ନିଯୁକ୍ତିଦାତା/ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ସଂସ୍ଥାମାନେ ଯୋଗଦେବେ । କେତେକ ସଂସ୍ଥା/କମ୍ପାନୀରେ ସିଧାସଳଖ ନିଯୁକ୍ତିର ବ୍ୟବସ୍ଥା ଥିବାବେଳେ ଅନ୍ୟ କେତେକ କମ୍ପାନୀ ସ୍ୱଳ୍ପ ତାଲିମ ପ୍ରଦାନ କରି ନିଯୁକ୍ତି ପାଇଁ ଅଙ୍ଗୀକାରବଦ୍ଧ ।

ଜିଲ୍ଲା ନିଯୋଜନ ଅଧିକାରୀ, କେନ୍ଦ୍ରାପଡ଼ା

- ୫ମ ଶ୍ରେଣୀ ପାସ୍ ଠାରୁ +୩ (ସ୍ନାତକ), I.T.I., Diploma, Computer, Nurshing ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷା ପ୍ରାପ୍ତ ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ଆଗ୍ରହୀ ଯୁବକ ଯୁବତୀମାନେ ନିଯୁକ୍ତି ସୁଯୋଗ ନେଇ ପାରିବେ । ଏହା ଏକ ନିଃଶୁଳ୍କ ସେବା ଅଟେ ।
- ପ୍ରାର୍ଥୀ/ପ୍ରାର୍ଥିନୀମାନେ ମେଳାରେ ଉପଲବ୍ଧ ହେଉଥିବା ନିର୍ଦ୍ଧାରିତ ଆବେଦନ ପତ୍ର ସହ ନିଜର ଶିକ୍ଷାଗତ ଯୋଗ୍ୟତା ମୂଳ ପ୍ରମାଣପତ୍ର ଓ ଏହାର ନକଲ, ବାସିନ୍ଦା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଆଧାର କାର୍ଡ, ପାସପୋର୍ଟ ଫଟୋ୨ଟି ସହିତ ଅଂଶଗ୍ରହଣ କରି ପାରିବେ ।

ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା ଦକ୍ଷତା ବିକାଶ ପ୍ରାଧିକରଣ, କେନ୍ଦ୍ରାପଡ଼ା

Scanned by CamScanner

# ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା

Skilled in ODISHA
ODISHA SKILL DEVELOPMENT AUTHORITY

## କେନ୍ଦ୍ରାପଡ଼ା

**ତାରିଖ : ୧୪.୦୨.୨୦୨୦**
**ସମୟ : ସକାଳ ୯ ଘଟିକା ଠାରୁ ଅପରାହ୍ନ ୩ ଘଟିକା**
**ସ୍ଥାନ : କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (OSDA) ଏବଂ ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡ଼ାଙ୍କ ମିଳିତ ଆନୁକୂଲ୍ୟରେ ଆସନ୍ତା ତା ୧୪.୦୨.୨୦୨୦ ରିଖ ଦିନ ସକାଳ ୯ଘଟିକାରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ନିଯୁକ୍ତି ମେଳାର ଆୟୋଜନ କରାଯାଉଅଛି । ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ନିଯୁକ୍ତିଦାତା / ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ସଂସ୍ଥାମାନେ ଯୋଗ ଦେବେ । କେତେକ ସଂସ୍ଥା / କମ୍ପାନୀରେ ସିଧାସଳଖ ନିଯୁକ୍ତିର ବ୍ୟବସ୍ଥା ଥିବାବେଳେ ଅନ୍ୟ କେତେକ କମ୍ପାନୀ ସ୍ୱଳ୍ପ ତାଲିମ ପ୍ରଦାନ କରି ନିଯୁକ୍ତି ପାଇଁ ଅଙ୍ଗୀକାରବଦ୍ଧ । ସୁତରାଂ, କେନ୍ଦ୍ରାପଡ଼ା ଜିଲ୍ଲାର ନିଯୁକ୍ତି ସନ୍ଧାନରେ ଥିବା ୫ମ ଶ୍ରେଣୀ ପାସ୍ ଠାରୁ +3 (ସ୍ନାତକ), I.T.I., Diploma, Computer, Nurshing ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷା ପ୍ରାପ୍ତ ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ଆଗ୍ରହୀ ଯୁବକ ଯୁବତୀମାନେ ଉକ୍ତ ମେଳାରେ ଯୋଗଦାନ କରି ନିଯୁକ୍ତିର ସୁଯୋଗ ନେଇପାରିବେ । ଏଥିଲାଗି ପ୍ରାର୍ଥୀ / ପ୍ରାର୍ଥିନୀମାନେ ମେଳାରେ ଉପଲବ୍ଧ ହେଉଥିବା ନିର୍ଦ୍ଧାରିତ ଆବେଦନ ପତ୍ର ସହ ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଆଧାର କାର୍ଡ଼, ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ୍ (୨ ଗୋଟି) ସହିତ ଉପରୋକ୍ତ ନିଯୁକ୍ତି ମେଳାରେ ଯୋଗ ଦେଇ ପାରିବେ ।

ଏହା ଏକ ନିଶୁଳ୍କ ସେବା ଅଟେ, ଯଦି କୌଣସି ବ୍ୟକ୍ତି / ସଂସ୍ଥା ଏଥିରେ ବ୍ୟତିକ୍ରମ କରିବାର ଦୃଷ୍ଟାନ୍ତ ଦୃଷ୍ଟିଗୋଚରକୁ ଆସେ, ତୁରନ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ପ୍ରମାଣ ସହ ଅଭିଯୋଗ ଦାଖଲ କରିପାରିବେ । ସୁତରାଂ, ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ନିଯୁକ୍ତି ଆଶାୟୀ ପ୍ରାର୍ଥୀ ଏବଂ ପ୍ରାର୍ଥିନୀମାନଙ୍କୁ ଅନୁରୋଧ କରାଯାଉଅଛି କି, ଉକ୍ତ ନିଯୁକ୍ତି ମେଳାରେ ଯୋଗଦେଇ ଏହାର ସୁଯୋଗ ହାସଲ କରନ୍ତୁ ।

ସ୍ୱା/-
ଜିଲ୍ଲା ନିୟୋଜନ ଅଧିକାରୀ
କେନ୍ଦ୍ରାପଡ଼ା

ସ୍ୱା/-
ଜିଲ୍ଲାପାଳ, ତଥା ଅଧ୍ୟକ୍ଷ,
ଜିଲ୍ଲା ଦକ୍ଷତା ବିକାଶ ପ୍ରାଧିକରଣ, କେନ୍ଦ୍ରାପଡ଼ା

Scanned by CamScanner